# Akashvani, Sambalpur

## SAMBALPURI NEWS EVENING BULLETIN

**5 October 2024- 7.02 pm- 7.12 pm.**

**********************************************

୧- ପିଏମ୍ କିଷାନ୍ ଯୋଜ୍ନାର୍ ୧୮ ନମ୍ବର୍ କିସ୍ତି ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ରାଜ୍ୟର୍ ୩୧ ଲାଖ୍ ୫୧ ହଜାର୍ ନୁ ଅଏତ୍‌କା ଚାଷୀ ପାଏଲେ  ସାହାଜ୍ ଟଙ୍କା ।

୨- ରାଏଜେ ୧୬ ହଜାର୍ ୯ ଜନ୍ କନିଷ୍ଠ ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ଦେଲେ ମୁଖ୍ୟମନ୍ତ୍ରୀ ।

- କହେଲେ ସୁସ୍ଥ ସମାଜ୍ ଗଠନ୍ ଦିଗେ ଶିକ୍ଷକ୍‌ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

୩- ଆଏବା ଦିନେ ରାଜ୍ୟସ୍ତରୀୟ ବାଜିରାଉତଙ୍କର୍ ଜୟନ୍ତୀ ପାଳନ୍ ହେବା ବଲି ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଶିବିର ଆଏବା ୭ ଆର୍ ୧୪ ତାରିଖ୍ ଦିନ ରହେବା ବନ୍ଦ୍ ।

ପିଏମ୍ କିଷାନ୍ କିସ୍ତି- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍‌ଙ୍କର ସବୁ ନୀତି ଆଉ ନିଷ୍ପତି ବିକଶିତ୍ ଭାରତ୍‌କେ ସମର୍ପିତ କରାଯାଇଛେ ଆଉ ଚାଷୀମାନେ ବିକଶିତ ଭାରତ୍‌ର ଆଧାର୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ମହାରାଷ୍ଟ୍ରର୍ ଓ୍ୱାସିମ୍ ନ ଆଭାସି ଜରିଏ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୮ ନମ୍ବର୍ କିସ୍ତି ଦେବାର୍ ଅବ୍‌ସରେ ଶ୍ରୀ ମୋଦୀ କହିଛନ୍ ଯେ, ଦେଶେ ଚାଷୀମାନ୍‌କର୍ ଉନ୍ନତିର୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ । କୃଷି ଭିତିଭୂମିକେ ବର୍‌କସ୍ କର୍‌ବାର୍ ଆର୍ ଚାଷୀମାନ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ସର୍‌କାର୍ କାମ୍ କରୁଛନ୍ । ପ୍ରଧାନ୍‌ମନ୍ତ୍ରୀ ଦେଶର୍ ୯ କୋଟି ୪୦ ଲାଖ୍ ଚାଷୀଙ୍କୁ ପ୍ରତ୍ୟକ୍ଷ ହସ୍ତାନ୍ତର୍ ସୁବିଧା ଜରିଏ ୨ ହଜାର୍ ଟଙ୍କା ଲେଖା ୨୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଦେଇଛନ୍ ।

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ରାଜ୍ୟର୍ ୩୧ ଲାଖ୍ ୫୧ ହଜାର୍ ୭ ଶହ ନୁ ଅଏତ୍‌କା ଚାଷୀଙ୍କୁ ଆଏଜ୍ ୬ ଶହ ୮୯ କୋଟି ୧୧ ଲାଖ୍ ଟଙ୍କା ଦିଆଯାଇଛେ । ଯେନ୍ ଚାଷୀମାନେ ଇ ଯୋଜ୍‌ନାଥି ସାମିଲ୍ ନାଇଁ ହେଇ ସେମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ବ୍ଲକ୍‌ସ୍ତର୍‌ଥି ଆଏବା ନଭେମ୍ବର୍ ୮ ତାରିଖ୍‌ତକ୍ ସ୍ୱତନ୍ତ୍ର ଅଭିଯାନ୍ ଆୟୋଜନ୍ କରାଯାଉଛେ । ଯୋଗ୍ୟ ହିତାଧିକାରୀମାନେ

ଭିଲ୍ ଜନସେବା କେନ୍ଦ୍ର ଜରିଏ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପିଏମ୍ କିଷାନ୍-୧ ସମ୍ବଲପୁର,କଲାହାଣ୍ଡି, ବର୍‌ଗଡ଼୍, ଝାର୍‌ସୁଗୁଡ଼ା/ ନୂଆପଡ଼ା/ ବୌଦ୍ଧ/ ସୁବର୍ଣ୍ଣପୁର

ଇ ଅବ୍‌ସରେ ସମ୍ବଲପୁର୍ ଜିଲ୍ଲାର୍ ୯ ଟା ବ୍ଲକ୍‌ର ପାଖାପାଖି ୫୫ ହଜାର୍ ୫ ଶହ ୪୨ ଝନ୍ ଚାଷୀ ପି.ଏମ୍. କିଷାନ୍ ଯୋଜ୍‌ନାଥି ଲାଭ୍ ପାଇଛନ୍ । ଇ ଉଧେ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌କେ କଲାହାଣ୍ଡି ଲୋକ୍‌ସଭା ସାଂସଦ୍ ମାଳବିକା ଦେବୀ, ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ଆର୍ ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର ପ୍ରମୁଖ ଉପସ୍ଥିତ୍ ଥିଲେ । କଲାହାଣ୍ଡି ଜିଲ୍ଲାଥି ୧୩ ଟା ବ୍ଲକ୍ ନ ଇ ଯୋଜ୍‌ନାଥି ପଞ୍ଜିକୃତ ହେଇଥିବା ଲାଖେ ୩୦ ହଜାର୍ ୨ ଶହ ୩୮ ଝନ୍ ଚାଷୀ ଇ ଯୋଜ୍‌ନାଥି ୧୮ ନମ୍ବର୍ କିସ୍ତି ଟଙ୍କା ପାଇଛନ୍ ।

ବର୍‌ଗଡ଼୍ ଜିଲ୍ଲା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା ସମାରୋହଥି ବିଧାୟକ୍ ଅଶ୍ୱିନୀ କୁମାର୍

ଷଡ଼ଙ୍ଗୀ ଆର୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ଙ୍କର୍ ସହେତେ ଜିଲ୍ଲାର୍ ଶହ ଶହ ଚାଷୀ ଆଭାସୀ ଜରିଏ ସାମିଲ୍ ହେଇଥିଲେ । ଜିଲ୍ଲାର୍ ଲାଖେ ୪୪ ହଜାର୍ ୫୫ ଝନ୍ ଚାଷୀ ଇ ଟଙ୍କା ପାଇଛନ୍ ।

ଝାର୍ସୁଗୁଡ଼ା ଜିଲ୍ଲା ନ ୨୮ ହଜାର୍ ୬ ଶହ ୭୬ ଝନ୍ ଚାଷୀ ଡିବିଟି ଜରିଏ ଇ ଯୋଜ୍ନାଥି ୫ କୋଟି ୭୩ ଲାଖ୍ ୫୨ ହଜାର୍ ଟଙ୍କା ପାଇଛନ୍ ।

ନୂଆପଡ଼ା ଜିଲ୍ଲା କୃଷି ସୂଚନା ଆଉ ପରାମର୍ଶ କେନ୍ଦ୍ର ପରିସର୍ ନ ଥିବା ସମ୍ମିଲନୀ କକ୍ଷ ନ ହେଇଥିବା ଉତ୍ସବ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ, ଜିଲ୍ଲା ପରିଷଦ୍ ଉପାଧ୍ୟକ୍ଷା ଦୀପିକା ଦୀପ୍, ଖରିଆର୍ ରୋଡ୍ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ୍ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲା ପାଲ୍ଝର୍ ନ ଥିବା ରାଷ୍ଟ୍ରୀୟ ଉଦ୍ୟାନ୍ ଗବେଷଣା ଆଉ ଉନ୍ନୟନ୍ ପ୍ରତିଷ୍ଠାନ୍ ସମ୍ମିଲନୀ କକ୍ଷଥି କେନ୍ଦ୍ର ନିର୍ଦ୍ଦେଶକ ତୁଷାର୍ ଆତ୍ରେଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପ ଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଜିଲ୍ଲା କୃଷି ବିଭାଗ୍ର ସମ୍ମିଲନୀ କକ୍ଷ ନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହାଙ୍କର୍ ସଂଯୋଜନାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍ ଯୋଗ୍ ଦେଇଥିଲେ । ଜିଲ୍ଲା ନ ୫୪ ହଜାର୍ ପଞ୍ଜିକୃତ ଚାଷୀ ଇ ଯୋଜ୍ନାଥି ଲାଭ୍ ପାଇଛନ୍ ।

କନିଷ୍ଠ ଶିକ୍ଷକ୍ ନିଯୁକ୍ତି ପତ୍ର            ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ପ୍ରାଥମିକ ଆଉ ଉଚ୍ଚପ୍ରାଥମିକ ବିଦ୍ୟାଳୟମାନ୍‌କେ ୧୬ ହଜାର୍ ୯ ଝନ୍ କନିଷ୍ଠ ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କୁ ଆଏଜ୍ ନିଯୁକ୍ତି ପତ୍ର ଦିଆଯାଇଛେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ନିଯୁକ୍ତି ସମାରୋହ ଆଉ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ନିଯୁକ୍ତି ପତ୍ର ଦେଇଛନ୍ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗୁଟେ ସୁସ୍ଥ ସମାଜ୍ ଗଠନ୍ ଦିଗେ ଶିକ୍ଷକ୍‌ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ । ଶିକ୍ଷକ୍‌ମାନେ ଝନେ ଝନେ ଶିଳ୍ପୀ ବଲି କହିଛନ୍ । ରାଏଜେ ଶିକ୍ଷାର୍ ଗୁଣାତ୍ମକ ମାନ ବଢ଼ାବାର୍ ଆଉ ଛାତ୍ର ଆର୍ ଯୁବଶକ୍ତିର୍ ବିକାଶ୍ ଲାଗି ସର୍‌କାର୍ ଇ ବଛର୍ ଶିକ୍ଷା ବିଭାଗ୍‌ର ବଜେଟ୍‌ଥି ସବୁନୁ ଅଏତ୍‌କା ୩୫ ହଜାର୍ ୫ ଶହ ୩୬  କୋଟି ଟଙ୍କାର୍ ବ୍ୟବସ୍ଥା କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମାରୋହଥି ଉଦ୍‌ବୋଧନ୍ ଦେଇକରି କହିଛନ୍ ଯେ, ଶିକ୍ଷକ୍‌ମାନ୍‌କର୍ ତାଲିମ୍, ଦିଗଦର୍ଶନ୍‌ଥି ଛୋଟ୍ ଛୋଟ୍ ପିଲାମାନେ ବିକଶିତ୍ ଓଡ଼ିଶା ଆର୍ ଭାରତ୍ ଗଠନ୍‌ଥି ପ୍ରମୁଖ ଅଙ୍ଗ ହେବେ ।  ବିକଶିତ୍ ଭାରତ୍

ଗଠନ୍‌ର ଗୁରୁଦାୟିତ୍ୱ ଶିକ୍ଷକ୍‌ମାନ୍‌କର୍ ଉପ୍‌ରେ ରହିଥିବାର୍‌ନୁ ସେମାନେ ସୌଭାଗ୍ୟଶାଳୀ ଆନ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କର୍ ସହେତେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବାଜିରାଉତ ଜୟନ୍ତୀ ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ଇତିହାସ୍‌ଥି ସବୁନୁ ଛୋଟ୍ ଶହୀଦ୍ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ବାଜିରାଉତଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାଙ୍କର୍ ପ୍ରତିମୂର୍ତିଥି ପୁଷ୍ପମାଲ୍ୟ ଅର୍ପଣ୍ କରାଯାଇଛେ । ଢେଙ୍କାନାଲ୍ ଜିଲ୍ଲା ନୀଳକଣ୍ଠପୁର୍ ନ ୧୯୨୬ ମସିହା ଅକ୍ଟୋବର୍ ୫ ତାରିଖ୍ ଦିନ ଜନମ୍ ହେଇଥିବା ବାଜିରାଉତ୍ ୧୨ ବଛର୍ ବୟସ୍‌ଥି ଇଂରେଜ୍ ମାନ୍‌କର୍ ବିରୋଧିଥି ଲଢ଼ିକରି ଦେଶମାତୃକାର୍ ଲାଗି ନିଜର୍ ଜୀବନ୍‌ର ବଳିଦାନ୍ ଦେଇଥିଲେ । ବାଜିରାଉତ୍‌ଙ୍କର୍ ଜୟନ୍ତୀଥି ଆଏବା ଦିନେ ରାଜ୍ୟସ୍ତର୍‌ଥି ବ୍ୟାପକ୍ ଭାବେ ପାଳନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଭୁବ୍‌ନେଶ୍ୱର୍‌ର ଜୟଦେବ୍ ଭବନ୍ ନ ହେଇଥିବା ବାଜିରାଉତଙ୍କର୍ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦେଶର୍ ଲାଗି ନିଜର୍ ଜୀବନ୍‌କେ ଉତ୍ସର୍ଗ କରିକରି ତାଙ୍କର୍ ତ୍ୟାଗ, ବଳିଦାନ୍ ଆର୍ ଦେଶ୍‌ପ୍ରେମ ସମସ୍ତଙ୍କୁ ଗୌରବାନ୍ୱିତ କରିଥିବା ଶହୀଦ୍ ବାଜିରାଉତଙ୍କର୍ ଓଡ଼ିଶା ଇତିହାସ୍‌ଥି ସ୍ୱତନ୍ତ୍ର ସ୍ଥାନ ରହିଛେ । ଆଜିର୍ ଯୁବପିଢ଼ି ତାଙ୍କର୍ ନିଷ୍ଠା, ନୀତି ଆଉ ଆଦର୍ଶଥି ଅନୁପ୍ରାଣିତ ହେବାର୍ ଦର୍‌କାର୍ ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, ଆଏବା ୨୦୨୬ ମସିହାଥି ଶହୀଦ୍ ବାଜିରାଉତଙ୍କର୍ ଜୟନ୍ତୀ ଶହେ ବଛର୍ ପୁରା ହେବା ।

ଇତାର୍ ଆଘୋନୁ ତାଙ୍କର୍ ଜନ୍ମସ୍ଥାନ ଢେଙ୍କାନାଲ୍ ଜିଲ୍ଲାର୍ ନୀଳକଣ୍ଠପୁର୍ ନ ବାଜି ରାଉତଙ୍କର ଗୁଟେ ମୂର୍ତ୍ତି ଥାପ୍‌ନା କରାଯିବା । ସେ କହିଛନ୍ ଯେ, ବିକଶିତ ଭାରତ୍ ଆଉ ବିକଶିତ୍ ଓଡ଼ିଶା ଗଠନ୍ ହେଲେ ସେଟା ଶହୀଦ୍ ବାଜିରାଉତଙ୍କର୍ ଲାଗି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବା ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୭ ଆଉ ୧୪ ତାରିଖ୍ ଦିନ ବନ୍ଦ୍ ରହେବା । ୭ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଆର୍ ୧୪ ତାରିଖ୍ ଦିନ ଦୁର୍ଗାପୂଜା ଭସାଣି ଲାଗି ଜନଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ସୁବର୍ଣ୍ଣପୁର- ଦଶ୍‌ରା ପୂଜା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶକ୍ତିପୀଠମାନ୍‌କେ ଶାରଦୀୟ ଷୋହଳ ପୂଜା ଚାଲୁଥିବାର୍ ବେଲେ ସୋନ୍‌ପୁର୍ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ପୀଠ ନ ୯ ଦିନିଆ ଚଣ୍ଡି ଯଜ୍ଞ ଚାଲିଛେ । ଦେବୀ ସୁରେଶ୍ୱରୀ ମହାଳୟା ଦିନ ଧବଲ୍‌ମୁଖୀ ବେଶ ଉତାରୁ ଭିନ୍ ଭିନ୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ । ସେନ୍ତା ମହାନଦୀ ଭିତ୍‌ରେ ଥିବା ଲଙ୍କେଶ୍ୱରୀଙ୍କର ପୀଠ ନ ଶାରଦୀୟ ପୂଜା ମୂଲ୍ ହେଇଛେ । ଇ ଅବ୍‌ସରେ ଫିଁ’ ଦିନ ସଞ୍ଜ୍‌ବେଲେ ମହାନଦୀର୍ ତେନ୍ତଲିଘାଟ୍ ପରିସର ନ ଲଙ୍କେଶ୍ୱରୀଙ୍କର୍ ମହାଆଳତୀ କରାଯାଉଛେ ।

ଛତୁ ମିଶନ୍ ଯୋଜ୍ନା-ତାଲିମ୍ ଶିବିର ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ଉଦ୍ୟାନ୍ କୃଷି କାର୍ଯ୍ୟାଳୟ ଠାନେ ଛତୁ ମିଶନ୍ ଯୋଜ୍ନା ଜରିଏ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନ୍କର୍ ଗୁଟେ ତାଲିମ୍ ଶିବିର ହେଇଯାଇଛେ । ଶିବିରଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳାମାନେ ସ୍ୱାବଲମ୍ବୀ ହେବାର୍ ଲାଗି ଛତୁ ଚାଷ୍ ଛଡ଼ା ଅଣଧାନ୍ ଫସଲ୍ କର୍ବାର୍ ଲାଗି ପରାମର୍ଶ ଦେଇଥିଲେ । ଇ ଅବ୍ସରେ ଅଗ୍ରଣୀ ଛତୁ ଚାଷ୍ ଲାଗି ବର୍ଗଡ୍ର ମୋନାଲିସା ରଥ, ବର୍ପାଲିର୍ ଅଭିନବ ପଟ୍ଟନାୟକ୍ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ବୌଦ୍ଧ - ନିପୁଣ ଓଡ଼ିଶା ମିଶନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ନିପୁଣ ଓଡ଼ିଶା ମିଶନ୍ କାର୍ଯ୍ୟକ୍ରମ୍ର ଶୁଭାରମ୍ଭ ହେଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଇଟାକେ ଶୁଭାରମ୍ଭ କରିକରି କାର୍ଯ୍ୟକ୍ରମ୍ ସଫଳତା ଲାଗି ସଭେ ଚେଷ୍ଟା କର୍ବାର୍ ଦର୍କାର୍ ରହିଛେ ବଲି କହିଥିଲେ । କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ପ୍ରଣୟନ ହେଇଥିବା ଜାତୀୟ ଶିକ୍ଷାନୀତି -୨୦୨୦ ର ଗୁଟେ ପ୍ରମୁଖ

ଅଂଶ ହେଉଛେ ମୌଳିକ ସାକ୍ଷରତା ଆଉ ସଂଖ୍ୟା ଜ୍ଞାନ୍‌ର ପରିଚୟ । ଇଟାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ୩ ବଛର୍‌ନୁ ୮ ବଛର୍‌ର ପିଲାମାନେ ୩ କ୍ଲାସ୍ ଶେଷ୍‌ତକ୍ ମୌଳିକ ସାକ୍ଷରତା ଆଉ ସଂଖ୍ୟା ଜ୍ଞାନ ଦକ୍ଷତା କେନ୍ତା ହାସଲ୍ କରିପାର୍‌ବେ ସେଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ନିପୁଣ ଓଡ଼ିଶା ମିଶନ୍ କାର୍ଯ୍ୟକାରୀ କରାଯିବା ବଲି ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍ କହିଛନ୍ ।

ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଆଲୋଚନାଚକ୍ର

ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ଇତିହାସ୍ ବିଭାଗ୍ ତର୍‌ଫୁ ଭାରତୀୟ ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ବିକାଶ୍ ବିଶେଷତ୍ୱ ମହାନଦୀ ଉପତ୍ୟକା ଆର୍ ପ୍ରାକ୍ ଐତିହାସିକ ପ୍ରତ୍ନତାତ୍ତ୍ୱିକ ଶୀର୍ଷକ ଆଲୋଚନାଚକ୍ର ହେଇଯାଇଛେ । ଆଲୋଚନାଚକ୍ରଥି ଡକ୍ଟର୍ ଫଣୀନ୍ଦମ୍ ଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସେମିନାର୍ ଆର୍ କର୍ମଶାଳା ଜରିଏ ପ୍ରତ୍ନତାତ୍ତ୍ୱିକ ସଂଗ୍ରହ, ସଂରକ୍ଷଣ୍ ଆର୍ ଇତିହାସ ରଚନାର୍ ମାଧମ୍ ହିସାବେ ଛାତ୍ରଛାତ୍ରୀଙ୍କୁ ସାହାଜ୍ କର୍‌ବା ବଲି କହିଥିଲେ ।

ରଣଜୀ ଟଫ୍ରି କ୍ରିକେଟ୍-ଓଡ଼ିଶା ଦଳ        ଆର୍ଏନ୍ୟୁ/ କଟକ୍

ଓଡ଼ିଶା କ୍ରିକେଟ୍ ସଂଘ ରଣ୍ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର୍ ପହେଲା ୨ ଟା ମେଚ୍ ଲାଗି ଖେଲାଲୀମାନ୍କର୍ ନାଁ ଘୋଷ୍ନା କରିଛେ । ମନୋନୟନ୍ କମିଟି ଅଧ୍ୟକ୍ଷ ଅମିତ୍ ରାୟ ଆର୍ ମୁଖ୍ୟ ପ୍ରଶିକ୍ଷକ ସୁରେନ୍ଦର୍ ଭାବେଙ୍କର୍ ଉପସ୍ଥିତିଥି ୧୭ ଝନିଆ ଓଡ଼ିଶା ଦଲ୍ ଘୋଷ୍ନା କରାଯାଇଛେ । ଦଲ୍ଥି ଗୋବିନ୍ଦ ପୋଦ୍ଦାର୍ଙ୍କୁ ଅଧିନାୟକ୍ ନିଯୁକ୍ତି କରାଯାଇଥିବାର୍ ବେଲେ ୨ ଝନ୍ ନୂଆଁ ଖେଲାଲୀ ଅନୀଲ୍ ପରିଡ଼ା ଆଉ ସୁମୀତ ଶର୍ମାଙ୍କୁ ଦଲ୍ଥି ସାମିଲ୍ କରାଯାଇଛେ । ଇ ଦଲ୍ଥି ସମ୍ବଲ୍ପୁର୍ର ଦେବବ୍ରତ ପ୍ରଧାନ୍ ଆର୍ ଝାର୍ସୁଗୁଡ଼ାର୍ ତରଣୀ ସା ଭିଲ୍ ଅଛନ୍ । ସୂଚ୍ନା ଅନ୍ସାରେ ଓଡ଼ିଶା ଦଲ୍ ଇ ମାସର୍ ୧୧ ନୁ ୧୪ ତାରିଖ୍ ତକ୍ ଅଗର୍ତଲା ନ ତ୍ରିପୁରା ବିପକ୍ଷଥି ପହେଲା ମେଚ୍ ଖେଲ୍ବା । ସେନ୍ତା ୧୮ ନୁ ୨୧ ତାରିଖ୍ତକ୍ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ୨ ନମ୍ବର୍ ମେଚ୍ ଜାମ୍ମୁ କାଶ୍ମୀର୍ ସାଙ୍ଗେ ଖେଲ୍ବା ବଲି ଜନାପଡ଼ିଛେ ।

ପାଣିପାଗ      ଆର୍ଏନ୍ୟୁ/ କଟକ୍

ଉତର୍ ବଙ୍ଗୋପ୍ସାଗର୍ ଆର୍ ଇତାର୍ ଆଖର୍ପାଖର୍ ଇଲାକା ନ ସୃଷ୍ଟି ହେଇଥିବା ଲଘୁଚାପ୍ ରାଜ୍ୟକେ ବିଶେଷ୍ ପ୍ରଭାବ୍ ନାଇଁ ପକାଏ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ଲଘୁଚାପ୍ ଲାଗି ଆଏବା ସୋମ୍ବାର୍ତକ୍ ରାଜ୍ୟର୍ କେତେ ଜାଗା ନ ସାମାଏନ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ୧୨ ଟା ଜିଲ୍ଲା ନ ଘଡ଼୍ଘଡ଼ି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।